# ସଂସଦୀୟ ବ୍ୟାପାର ବିଭାଗର
# ୨୦୧୬-୧୭ ବର୍ଷର
# କାର୍ଯ୍ୟାବଳୀ ବିବରଣୀ

ସାଧାରଣ ପ୍ରଶାସନ ବିଭାଗ ସଂକଳ୍ପ ସଂଖ୍ୟା - ୫୩୫୧(ଇ) ସା.ପ୍ର., ତା୧୩.୦୩.୧୯୯୦ରିଖ ଅନୁସାରେ ସଂସଦୀୟ ବ୍ୟାପାର ବିଭାଗ ସୃଷ୍ଟି ହୋଇଥିଲା । ନିମ୍ନୋକ୍ତ ବିଷୟଗୁଡିକ ଉକ୍ତ ବିଭାଗକୁ ଆବଣ୍ଟନ କରାଯାଇଛି :-

(୧) ରାଜଭବନ ପ୍ରତିଷ୍ଠାନ

(୨) ମୁଖ୍ୟମନ୍ତ୍ରୀଙ୍କ ପ୍ରତିଷ୍ଠାନ ସହ ମନ୍ତ୍ରୀମାନଙ୍କ ପ୍ରତିଷ୍ଠାନ

(୩) ଓଡିଶା ବିଧାନସଭା ଓ ବୈଧାନିକ ବ୍ୟାପାର

(୪) ମନ୍ତ୍ରୀ ପରିଷଦ ଏବଂ ମନ୍ତ୍ରୀମଣ୍ଡଳ

(୫) ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ସମସ୍ତ ମନ୍ତ୍ରୀ, ବିରୋଧୀ ଦଳ ନେତା,

ସରକାରୀ ମୁଖ୍ୟ ସଚେତକ, ସରକାରୀ ଉପମୁଖ୍ୟ ସଚେତକଙ୍କର ବ୍ୟକ୍ତିଗତ କର୍ମଚାରୀଙ୍କ ପ୍ରତିଷ୍ଠାନ ।

(୬) ମନ୍ତ୍ରୀମଣ୍ଡଳ କମିଟି ଏବଂ ମନ୍ତ୍ରୀମଣ୍ଡଳ ଉପ କମିଟି (ସବ୍-କମିଟି) ଗଠନ ।

## ୧ । <u>ରାଜଭବନ ପ୍ରତିଷ୍ଠାନ</u>

ରାଜଭବନ ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟାବଳୀ ସମ୍ପାଦନ ନିମନ୍ତେ ଏକ ସ୍ୱତନ୍ତ୍ର ସଚିବାଳୟ ରହିଛି । ସରକାର ଏବଂ ରାଜ୍ୟପାଳଙ୍କ ପ୍ରତିଷ୍ଠାନ ମଧ୍ୟରେ ସଂସଦୀୟ ବ୍ୟାପାର ବିଭାଗ ଏକ ଉପଦେଷ୍ଟା ବିଭାଗରୂପେ କାର୍ଯ୍ୟ କରୁଛି ।

ସଂସଦୀୟ ବ୍ୟାପାର ବିଭାଗ, ରାଜ୍ୟପାଳଙ୍କ ପ୍ରତିଷ୍ଠାନର ପ୍ରଶାସନିକ ବିଭାଗ ଭାବେ ରାଜଭବନ ପ୍ରତିଷ୍ଠାନର ଯେଉଁ ନିଷ୍ପତ୍ତି ଗୁଡିକ ସରକାରଙ୍କ ଅନୁମୋଦନ ଆବଶ୍ୟକ ହୋଇଥାଏ ସେଗୁଡିକୁ ପରିଚାଳନା କରି ନିଷ୍ପତ୍ତି ଗ୍ରହଣ କରିଥାଏ । ଗତ ୨୦୧୬-୧୭ ବର୍ଷ ମଧ୍ୟରେ ରାଜଭବନ ପ୍ରତିଷ୍ଠାନର ୧୦ ଗୋଟି ପ୍ରସ୍ତାବ ଉପରେ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅନୁମୋଦନ କରାଯାଇଛି । ରାଜ୍ୟପାଳଙ୍କ ପ୍ରତିଷ୍ଠାନ ନିମନ୍ତେ ବାର୍ଷିକ ଅନୁଦାନ ମଧ୍ୟ ଏହି ବିଭାଗ ଦ୍ୱାରା ଆବଣ୍ଟିତ କରାଯାଇଥାଏ ।

୨ । **ମନ୍ତ୍ରୀମଣ୍ଡଳ ପ୍ରତିଷ୍ଠାନ**

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ସମସ୍ତ ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ଓ ସରକାରୀ ଉପମୁଖ୍ୟ ସଚେତକଙ୍କର ପ୍ରାପ୍ୟ ସୁବିଧା ସୁଯୋଗ ଏବଂ ବ୍ୟକ୍ତିଗତ ହକ୍ ବିଷୟ ସଂସଦୀୟ ବ୍ୟାପାର ବିଭାଗ ସମ୍ପାଦନ କରୁଛି ।

ସଂସଦୀୟ ବ୍ୟାପାର ବିଭାଗ ପ୍ରଶାସନିକ ବିଭାଗ ଭାବରେ ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ଓ ସରକାରୀ ଉପମୁଖ୍ୟ ସଚେତକଙ୍କ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟରତ ୨୪୦ ଜଣ କର୍ମଚାରୀମାନଙ୍କ ବ୍ୟକ୍ତିଗତ ଚାକିରୀ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ କରିଆସୁଛି ।

୩ । **ନିମ୍ନୋକ୍ତ ଅଧିନିୟମ ଓ ତତ୍ଅଧୀନ ପ୍ରାସଙ୍ଗିକ ନିୟମାବଳୀ ଗୁଡିକ ସଂସଦୀୟ ବ୍ୟାପାର ବିଭାଗ କର୍ତ୍ତୃକ ପ୍ରଶାସିତ ହେଉଅଛି :-**

(କ) ଓଡିଶା ବିଧାନସଭା ବାଚସ୍ପତିଙ୍କ ବେତନ ଓ ଭତ୍ତା ଅଧିନିୟମ, ୧୯୬୦।

(ଖ) ଓଡିଶା ବିଧାନସଭା ଉପ ବାଚସ୍ପତିଙ୍କ ବେତନ ଓ ଭତ୍ତା ଅଧିନିୟମ, ୧୯୫୯।

(ଗ) ଓଡିଶା ବିଧାନସଭା ଉପ ବାଚସ୍ପତିଙ୍କ ମୋଟର କାର ଅଗ୍ରୀମ ନିୟମାବଳୀ, ୧୯୬୮।

(ଘ) ଓଡିଶା ମନ୍ତ୍ରୀମାନଙ୍କର ବେତନ ଓ ଭତ୍ତା ଅଧିନିୟମ, ୧୯୫୨।

(ଙ) ଓଡିଶା ମନ୍ତ୍ରୀମାନଙ୍କର ଗସ୍ତ ଭତ୍ତା ନିୟମାବଳୀ, ୧୯୬୪।

(ଚ) ଓଡିଶା ମନ୍ତ୍ରୀମାନଙ୍କ ମୋଟର କାର ଅଗ୍ରୀମ ନିୟମାବଳୀ, ୧୯୬୬।

(ଛ) ଓଡିଶା ମନ୍ତ୍ରୀମାନଙ୍କ ବିଧାନସଭା ଅଧିବେଶନ ବୈଠକ ଭତ୍ତା ଆହରଣ ନିୟମାବଳୀ, ୧୯୯୫।

(ଜ) ଓଡିଶା ବିଧାନସଭା ସଦସ୍ୟଙ୍କର ବେତନ, ଭତ୍ତା ଓ ନିବୃତ୍ତ ବେତନ (ପେନ୍‌ସନ୍) ଅଧିନିୟମ, ୧୯୫୪।

(ଝ) ଓଡିଶା ବିଧାନସଭା ସଦସ୍ୟଙ୍କର ଗସ୍ତ ଭତ୍ତା ଓ ଦୈନିକ ଭତ୍ତା ଆହରଣ ନିୟମାବଳୀ, ୧୯୫୭।

(ଞ) ଓଡିଶା ବିଧାନସଭା ସଦସ୍ୟଙ୍କର ଡାକବଙ୍ଗଳାରେ ରହଣି ନିୟମାବଳୀ, ୧୯୬୨।

(ଟ) ଓଡିଶା ବିଧାନସଭା ସଭ୍ୟମାନଙ୍କର ଦୂରଭାଷ ସୁବିଧା ନିୟମାବଳୀ, ୧୯୬୪।

(ଠ) ଓଡିଶା ବିଧାନସଭା ସଭ୍ୟମାନଙ୍କର ବେତନ ଓ ଭତ୍ତା (ଘରଭଡା ଓ

ଅନ୍ୟାନ୍ୟ ଦେୟ କାଟ) ନିୟମାବଳୀ, ୧୯୫୭।

(ଡ) ଓଡିଶା ବିଧାନସଭା ସଭ୍ୟମାନଙ୍କର (ଚିକିତ୍ସା ସୁବିଧା) ନିୟମାବଳୀ, ୧୯୬୫।

(ଢ) ଓଡିଶା ବିଧାନସଭା ପୂର୍ବତନ ସଭ୍ୟମାନଙ୍କର ନିବୃତ୍ତ ବେତନ ନିୟମାବଳୀ, ୧୯୭୯।

(ଣ) ଓଡିଶା ବିଧାନସଭା ସଭ୍ୟମାନଙ୍କର ପରିବାର ନିବୃତ୍ତ ବେତନ ନିୟମାବଳୀ, ୧୯୮୮।

(ତ) ଓଡିଶା ବିଧାନସଭା ସଭ୍ୟମାନଙ୍କର ଜିପ୍, ମୋଟର ସାଇକେଲ୍, ସ୍କୁଟର କିମ୍ବା ତଦ୍‌ପରି ଯାନ ଅଗ୍ରିମ ନିୟମାବଳୀ, ୧୯୮୬।

(ଥ) ଓଡିଶା ବିଧାନସଭା ବିରୋଧୀ ଦଳ ନେତାଙ୍କର କର୍ମଚାରୀ ଏବଂ ସୁବିଧା ନିୟମାବଳୀ, ୧୯୬୮ ।

(ଦ) ଓଡିଶା ବିଧାନସଭା ସରକାରୀ ମୁଖ୍ୟ ସଚେତକ ଓ ସରକାରୀ ଉପମୁଖ୍ୟ ସଚେତକଙ୍କର କର୍ମଚାରୀ ଏବଂ ସୁବିଧା ନିୟମାବଳୀ, ୧୯୬୯ ।

## ୪ । ଓଡିଶା ବିଧାନସଭା ଓ ବୈଧାନିକ ବ୍ୟାପାର

ଓଡିଶା ବିଧାନସଭାର ଆହ୍ୱାନ, ସତ୍ରାବସାନ ଓ ଭଙ୍ଗ କାର୍ଯ୍ୟ ସହ ସଂସଦୀୟ ବ୍ୟାପାର ବିଭାଗ ଅଙ୍ଗାଙ୍ଗୀଭାବେ ସମ୍ପୃକ୍ତ । ମଇ, ୨୦୧୪ରେ ଓଡିଶା ବିଧାନସଭା ପାଇଁ ଅନୁଷ୍ଠିତ ସାଧାରଣ ନିର୍ବାଚନ ପରେ ଭାରତର ନିର୍ବାଚନ ଆୟୋଗଙ୍କ ଅଧିସୂଚନା ସଂଖ୍ୟା ୩୦୮/ଓ.ଆର-ଏଲ.ଏ./୨୦୧୪ ତା ୧୮ ମଇ, ୨୦୧୪ରିଖ ଦ୍ୱାରା ଓଡିଶାରେ [illegible] ବିଧାନସଭା ଗଠିତ [illegible] ଅଛି ।

ପ୍ରଦତ୍ତ ବିବରଣୀ ବର୍ଷ ମଧ୍ୟରେ ନିମ୍ନୋକ୍ତ ସମୟରେ [illegible] ଓଡିଶା ବିଧାନସଭା ଅଧିବେଶନଗୁଡ଼ିକ ଅନୁଷ୍ଠିତ ହୋଇଥିଲା :-

(୧) ତା ୧୫.୦୩.୨୦୧୬ ରିଖ ଠାରୁ ତା ୧୬.୦୫.୨୦୧୬ ରିଖ ମଧ୍ୟରେ (ଷଷ୍ଠ ଅଧିବେଶନ)

(୨) ସ୍ୱତନ୍ତ୍ର ଅଧିବେଶନ-୦୧ସେପ୍ଟମ୍ବର ୨୦୧୬

(୩) ତା ୨୧.୦୯.୨୦୧୬ ରିଖ ଠାରୁ ତା ୨୯.୦୯.୨୦୧୬ ରିଖ ମଧ୍ୟରେ (ସପ୍ତମ ଅଧିବେଶନ)

(୪) ତା ୦୧.୧୨.୨୦୧୬ ରିଖ ଠାରୁ ତା ୧୫.୧୨.୨୦୧୬ ରିଖ ମଧ୍ୟରେ (ଅଷ୍ଟମ ଅଧିବେଶନ)

(୫) ନବମ ଅଧିବେଶନ ତା ୨୨.୦୨.୨୦୧୭ ରିଖ ଠାରୁ ଆରମ୍ଭ ହୋଇ ବର୍ତ୍ତମାନ କାର୍ଯ୍ୟରତ ଅଛି ।

## ୫ । <u>ମନ୍ତ୍ରୀ ପରିଷଦ ଏବଂ ମନ୍ତ୍ରୀମଣ୍ଡଳ</u>

ରାଜ୍ୟର ମନ୍ତ୍ରୀ ପରିଷଦ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତା ୨୧ ମଇ, ୨୦୧୪ ରିଖ ଠାରୁ ଚତୁର୍ଥ ଥର ନିମନ୍ତେ କାର୍ଯ୍ୟ କରୁଅଛି । ବିଭିନ୍ନ ବିଷୟରେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗମାନଙ୍କରୁ ପ୍ରାପ୍ତ ସ୍ମାରକଗୁଡିକୁ ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀମଣ୍ଡଳ / ମନ୍ତ୍ରୀ ପରିଷଦ ସମ୍ମୁଖରେ ଉପସ୍ଥାପନ କରନ୍ତି ଏବଂ ତଦୁପରି ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ଏହି ବିଭାଗ ସମ୍ପୃକ୍ତ ଶାସନ ସଚିବଙ୍କୁ ଅବଗତ କରାଇଥାଆନ୍ତି । ବର୍ଷ ୨୦୧୬-୧୭ ମଧ୍ୟରେ ମନ୍ତ୍ରୀ ପରିଷଦର ୩ (ତିନି) ଗୋଟି ବୈଠକ ଓ ମନ୍ତ୍ରୀମଣ୍ଡଳର ୧୨ (ବାର) ଗୋଟି ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକ ମାନଙ୍କରେ ଅନୁମୋଦନ ନିମନ୍ତେ ହସ୍ତଗତ ହୋଇଥିବା ୧୩୦ ଗୋଟି ସ୍ମାରକ ମଧ୍ୟରୁ ୧୨୮ ଗୋଟି ଅନୁମୋଦିତ ହୋଇଅଛି ।

## ୬ । <u>ସୂଚନା ଅଧିକାର ଆଇନର କାର୍ଯ୍ୟାନ୍ୱୟନ</u>

ବର୍ଷ ୨୦୧୬-୧୭ ମଧ୍ୟରେ ସଂସଦୀୟ ବ୍ୟାପାର ବିଭାଗରେ ସୂଚନା ଅଧିକାରୀଙ୍କ ଠିକଣାରେ ୪୪୦ ଗୋଟି ଏବଂ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ଠିକଣାରେ ୪୦ ଗୋଟି ଦରଖାସ୍ତ ହସ୍ତଗତ ହୋଇଥିଲା ଏବଂ ଏହି ସମସ୍ତ ଦରଖାସ୍ତ ଉପରେ ସଠିକ ସମୟରେ ସୂଚନା ଅଧିକାର ଆଇନର ନିୟମାବଳୀ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

୬ । **ଯୁବ ସଂସଦ ପ୍ରତିଯୋଗିତା**

ଅଖିଳ ଭାରତୀୟ ସଚେତକମାନଙ୍କ ସମ୍ମିଳନୀ ଏବଂ ଭାରତର ସମସ୍ତ ରାଜ୍ୟର ମାନ୍ୟବର ସଂସଦୀୟ ବ୍ୟାପାର ମନ୍ତ୍ରୀମାନଙ୍କ ସମ୍ମିଳନୀର ନିଷ୍ପତ୍ତିକ୍ରମେ ସଂସଦୀୟ ଗଣତନ୍ତ୍ରର ବାର୍ତ୍ତାର ପ୍ରଚାର ନିମନ୍ତେ ଆମ ରାଜ୍ୟରେ ଯୁବ ସଂସଦ ପ୍ରତିଯୋଗିତା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସହାୟତାରେ ସଂସଦୀୟ ବ୍ୟାପାର ବିଭାଗ କାର୍ଯ୍ୟକ୍ଷମ କରିଅଛି । ୨୦୦୯-୧୦ ଆର୍ଥିକ ବର୍ଷଠାରୁ ଅଦ୍ୟାବଧି ପାଞ୍ଚଗୋଟି ଯୁବସଂସଦ ପ୍ରତିଯୋଗିତା ଉଚ୍ଚ

ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଅଛି । ଚଳିତ ଆର୍ଥିକ ବର୍ଷରେ ସପ୍ତମ ଯୁବ ସଂସଦ ପ୍ରତିଯୋଗିତା କରିବା ନିମନ୍ତେ ସଂସଦୀୟ ବ୍ୟାପାର ବିଭାଗ ତରଫରୁ ଅର୍ଥ ରାଶି ପ୍ରଦାନ କରାଯାଇଛି ।

୮ । **ବୁକ୍ ସାର୍କୁଲାର ସଂଖ୍ୟା ୪୬**

ମାନ୍ୟବର ସାଂସଦ, ବିଧାୟକ ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷାକରୁଥିବା ବୁକ୍ ସାର୍କୁଲାର ସଂଖ୍ୟା ୪୬ର ନିୟମାବଳୀଗୁଡ଼ିକୁ ସଂସଦୀୟ ବ୍ୟାପାର ବିଭାଗ ପରିଚାଳନା କରିଥାଆନ୍ତି । ଏହି ବୁକ୍ ସାର୍କୁଲାର ସଂଖ୍ୟା ୪୬ର ନିୟମାବଳୀଗୁଡ଼ିକୁ ପୁଙ୍ଖାନୁପୁଙ୍ଖଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ସଂସଦୀୟ ବ୍ୟାପାର ବିଭାଗ ନିର୍ଦ୍ଦେଶାବଳୀ ନିର୍ଗମନ କରିଥାଏ । ଆବଶ୍ୟକ ସ୍ଥଳେ ଏହି ବିଭାଗ ଉକ୍ତ ସାର୍କୁଲାର ସଂଶୋଧନ ମଧ୍ୟ କରିଥାଏ । ମାନ୍ୟବର ସାଂସଦ ଓ ବିଧାୟକମାନଙ୍କଠାରୁ ହସ୍ତଗତ

ହୋଇଥିବା ପତ୍ର ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂସଦୀୟ ବ୍ୟାପାର ବିଭାଗ ଏକ ସଂକ୍ରୀୟା ବ୍ୟବସ୍ଥିତ କରିଅଛି । ତଦୁପରି ଏହି ବିଭାଗରେ ସାଂସଦ ଓ ବିଧାୟକମାନଙ୍କ ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ କୋଷ ଗଠନ ହୋଇଅଛି । ସଂସଦୀୟ ବ୍ୟାପାର ବିଭାଗ ମଧ୍ୟ ଅନ୍ୟ ସମସ୍ତ ବିଭାଗମାନଙ୍କରେ ମାନ୍ୟବର ସାଂସଦ ଓ ବିଧାୟକମାନଙ୍କଠାରୁ ହସ୍ତଗତ ହୋଇଥିବା ଚିଠି ଗୁଡିକ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରୁଅଛି ।

୯ । **<u>ସ୍ୱତନ୍ତ୍ର ପ୍ରକୋଷ୍ଠ</u>**

ଓଡ଼ିଶା ବିଧାନ ସଭାର ବିଭିନ୍ନ ସ୍ଥାୟୀ କମିଟି ଏବଂ ଗୃହ କମିଟିର ମନ୍ତବ୍ୟ/ସୁପାରିଶ ଗୁଡିକର ଅନୁପାଳନ ତଥା ବିଧାନ ସଭା ସଚିବାଳୟ ଏବଂ ସରକାରଙ୍କ ବିଭିନ୍ନ ବିଭାଗଗୁଡିକ ମଧ୍ୟରେ ଯୋଗସୂତ୍ର ରକ୍ଷାକରିବା ନିମନ୍ତେ ସଂସଦୀୟ ବ୍ୟାପାର

ବିଭାଗ ଆଦେଶ ସଂଖ୍ୟା ୮୫୧/ସଂବ୍ୟା, ତା୦୩.୦୧.୨୦୦୬ରିଖ ଅନୁସାରେ ଏହି ବିଭାଗରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଗଠନ କରାଯାଇଛି ।

**୧୦ । <u>ତଦନ୍ତ କମିଶନ</u>**

ସଂସଦୀୟ ବ୍ୟାପାର ବିଭାଗର ଅଧିସୂଚନା ସଂଖ୍ୟା ୬୧୭୮/ପିଏଡି., ତା୧୫.୦୯.୨୦୦୪ରିଖରେ ଓଡିଶାର ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଚିର ରଞ୍ଜନ ପାଲ୍ଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ଗଠନ କରାଯାଇ ଓଡିଶା ବିଧାନସଭାରେ ନିଯୁକ୍ତି ପ୍ରକିୟାର ଆରୋପିତ ଉଲଙ୍ଘନ ଓ ବେନିୟମ ତଥା ଅସାଧୁ ଉପାୟରେ ଏବଂ ସରକାରୀ ପଦବୀର ଅପବ୍ୟବହାର କରି ପ୍ରିୟାପ୍ରୀତିତୋଷଣ, ଓଡିଶା ବିଧାନସଭା ନିମନ୍ତେ କମ୍ପ୍ୟୁଟର କିଣିବାର ଆରୋପିତ ଦୁର୍ନୀତି ଓ ଅନିୟମିତତା ଏବଂ ବିଧାନସଭାରେ ଉପସ୍ଥାନ ଓ ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା ବସାଇବାରେ ଆରୋପିତ

ଅନିୟମିତତା ସମ୍ପର୍କରେ ତଦନ୍ତ କରିବା ନିମନ୍ତେ ଗଠନ କରାଯାଇଥିଲା । ଆୟୋଗ ତା୦୧.୧୨.୨୦୦୪ରିଖ ଠାରୁ କାର୍ଯ୍ୟ ଆରମ୍ଭ କରିଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶା ତା୩୦.୦୯.୨୦୦୮ରିଖରେ ଦେଇଥିବା ରାୟରେ ଏହି ଆୟୋଗର ନିଯୁକ୍ତିକୁ ରଦ୍ଦ କରିଦେଇଛନ୍ତି । ବର୍ତ୍ତମାନ ଓଡିଶା ସରକାର ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କର ରାୟ ବିରୁଦ୍ଧରେ ମାନ୍ୟବର ସୁପ୍ରିମ କୋର୍ଟରେ S.L.P. ଯଥା ସିଭିଲ କେସ୍ ସଂଖ୍ୟା ୨୦୨୮୫/୨୦୧୦ ଦାୟର କରିଛନ୍ତି (ଯାହାକି ସିଭିଲ ଅପିଲ ସଂଖ୍ୟା ୧୯୮୬/୨୦୧୪ ରେ ପରିବର୍ତ୍ତନ ହୋଇଅଛି) । ପ୍ରଦତ୍ତ ବିବରଣୀ ସଂକଳନ ସମୟ ପର୍ଯ୍ୟନ୍ତ ଉକ୍ତ କେସଟି ଫଇସଲା ହୋଇନାହିଁ । ସଂସଦୀୟ ବ୍ୟାପାର ବିଭାଗ ତା ୦୮.୦୧.୨୦୧୬ ରିଖଠାରୁ ସାମୟିକ ଭାବରେ ତଦନ୍ତ କମିଶନଙ୍କ କାର୍ଯ୍ୟାଳୟକୁ ବନ୍ଦ କରିଛନ୍ତି ।

ଏହାଦ୍ୱାରା ରାଜ୍ୟ ରାଜକୋଷରୁ ବ୍ୟୟ ପରିମାଣ କମିଛି ।